# ସ୍ବାହା

କବି ରଘୁନାଥ ଦାସ

ଚୌଧୁରୀ ବୃନ୍ଦାବନ ମହାପାତ୍ରଙ୍କ ବେନୁଆ ଉପରେ ଏପରି ବିଶ୍ବାସ ଯେ ତାଙ୍କ ଆଗରେ ବେନୁଆ ନାଁରେ ପାଞ୍ଚପଦ ଯୋଡ଼ି କହିଲେ  ବି ତାହା କାନରେ ନିଅନ୍ତି ନାହିଁ ।ସେ ବେନୁଆକୁ ପିଲାଟି ଦିନରୁ ଦେଖି ଆସିଛନ୍ତି। ସୁନା ମୁଣ୍ଡାଏ ତା' ଆଗରେ ଥୋଇ ଦେଲେ ବେନୁଆ ଉଠାଇ ନେବା ଲୋକ ନୁହେଁ।

କୁଆଁ ତାର ଉଠିଲା ବେଳକୁ ଚୌଧୁରୀଙ୍କ ଦାଣ୍ଡ ପିଣ୍ଡା ଉପରେ ବସି ଗୋଟିଏ ଲୋକ ଲମ୍ବା ହାଇ ମାରୁଥିବାର ତମେ ଦେଖିବ। ଗାଁ ମାଇପେ ଗୋବର ପାଣି ପକେଇବାକୁ ଉଠିଲା ବେଳକୁ ନିତି ସେହି ଦୃଶ୍ୟ ଦେଖନ୍ତି। ପାହାନ୍ତିଆ ପହର ଆଶକତିଆ ନିଦରେ ବ୍ୟାଘାତ  ଜନ୍ମାଇ ଶୁଭେ 'କବାଟ ଫିଟା' ।ବର୍ଷା ନାହିଁ,ଶୀତ ନାହିଁ, ସବୁ ଦିନେ ସେହି ଏକ ଡ଼ାକ ଗୋବିନ୍ଦ ରଥଠାରୁ ଆରମ୍ଭ କରି ପାଣ୍ଡୁ ପଧାନ , ମଣି ଜେନା ଯାଏଁ ସମସ୍ତେ ଶୁଣି ଆସିଛନ୍ତି, ସକାଳ ପହର ଗଣ୍ଡାର ସାହିରୁ ଯେପରି କୁକୁଡ଼ାର ଡ଼ାକ ଆଶା କରାଯାଇଥାଏ, ସେହିପରି ବି ତା ସହିତ ଆଶା କରାଯାଇଥାଏ ଚୌଧୁରୀ ଦୁଆରେ ବେନୁଆର ଡ଼ାକ।

ଚୌଧୁରୀଙ୍କ ଦୁଆର ଫିଟା । ବେନୁଆ ଘରକୁ ପଶେ, ଅଧୁଆ ମୁହଁରେ ଚୂନ ପତର କଳେ ଯାକି ସିଧା ବିଲକୁ ଦାଣ୍ଡାଏ। ଯେବେ ବା ବିଲ କାମ ନଥାଏ, କୁରାଢ଼ିଟିଏ ଧରି କାଠ ଚିରି ବସେ ; କିଛି ନହେଲେ ଦଶ ଗରା ପାଣି ଆଣି କୁଣ୍ଡ କୁଣ୍ଡ ପାଣି ଭରତି କରିଦିଏ।

ବେନୁଆ ସୁନା ମୁଣ୍ଡାଟାଏ ଏ ପ୍ରଶଂସା ଚୌଧୁରୀ ବେନୁଆର ପଛରେ କରିଛନ୍ତି। ଆଗରେ କରିଛନ୍ତି। ଟକେ ଟିକେକ ବାର ବେଜିତ୍ କରି ବକିବା ଚୌଧୁରୀଙ୍କ ମୁହଁରେ ଏ ପ୍ରଶଂସା ମୂଲ୍ୟ ଢ଼େର।ପରହିଂସ୍ରିକିଆ କିଏ କେମିତି କହନ୍ତି ବେନୁଆ ଚୈଧୁରୀଙ୍କୁ ମନେଇ କରି ରଖିଛି। କିନ୍ତୁ ଗାଁ ଭିତରେ ବୁଝିବିଚାରି ଲୋକ ମେଳରେ ପଡ଼େ ବେନୁଆ ସାଆନ୍ତଙ୍କୁ ଯେମିତି ଆପଣା କରିଛି, ଖାମିନ୍ଦ ବି ସେହିପରି ତାକୁ ମଣିଷ କରିଛନ୍ତି। ବେନୁଆ ଥିଲା କଣ?

ବୁଢ଼ା ବୁଢ଼ା ଲୋକ କହନ୍ତି ସେମାନେ ବେନୁଆର ବୋଉକୁ ଦେଖିଛନ୍ତି, କାଳୀ ମଚ୍ ମଚ୍ ହୋଇ, ବୟସ-ଥିଲା ମାଇକିନାଟାଏ କୋଉଠୁ ଆସି ଚୈଧୁରୀ ଘରେ ଠାକିଲା, ବେନୁଆ ସେତେବେଳେ ଛଅ ସାତ ବରଷର ପିଲା। ଦିହଦାର ମାଇପିଟାଏ, କାମକୁ ମଜବୁତ୍, ପାଣି ଦିଏ ଧାନ କାଟେ, ବାହାର ପାଇଟି କରେ, ଖାଏ। ସେ ତ ମରିଗଲା। ବେନୁଆକୁ ସେତେବେଳେ ଅତି ହେଲେ ଦଶ ବାର, ହେଲେ ହେତୁ ପାଇଯାଇ ଥାଏ ଟିକିଏ, ଟହଲ ଟୁକୁଲା କାମ ଦାମ କରେ, ଗାଈ ଛାଡ଼ିଯାଏ, ଗୁହାଳ ପୋଛେ, ସଉଦା ଆଣେ, ଦିଓଳି ଦି ମୁଠା ଖାଏ।

ଆଜି ବେନୁଆର ନାହିଁ କଣ?କ୍ରୋକ୍ କରି ଚୈଧୁରୀ ଦାମ ସାହୁ ଘର ଯୋଉ ଘରଡ଼ିହ ଚଉଦ ଗୁଣ୍ଠ ନିଲାମ ଧରି

www.jataayu.org

# ସ୍ୱାହା

କବି ରଘୁନାଥ ଦାସ

ଥିଲା, ସେ ମାଟି ଏବେ ବେନୁଆରା ଦି ଦାଣ୍ଡ ଘର, ଘର ପଛକୁ ବାରି । ବେନୁଆ ଖଣ୍ଡେଇତ ଘରେ ବାହାକଲା, ଅବଶ୍ୟ ଚୌଧୁରୀଙ୍କ ମୁହଁକୁ ବେନୁଆର ପୁଅଟିଏ। ତ' ଘରେ ଦିଓଳି ଚୁଲିରେ ହାଣ୍ଡି ବସେ। ଗୁଣ୍ଟେ ଦି ଗୁଣ୍ଠ କରି ବେନୁଆ ୟା ଭିତରେ ଦେଢ଼ମାଣ ଜମି କରିସାରିଲାଣି।

ବେନୁଆ ଜୀବନରେ ଏତେ ଉନ୍ନତି ଲାଗି ଭାଗ୍ୟ କେତେ ପରିମାଣରେ ଦାୟୀ ଏବଂ ନିଜର ପରିଶ୍ରମ ଓ ଅଧ୍ୟବସାୟ କି ପରିମାଣରେ ଦାୟୀ ତା' ନେଇ ସନ୍ଥପୁରରେ ଛକଡି ସ୍ୱାଇଁ ଓ ମଧୁରା ନନ୍ଦ ଏକମତ ନ ହେଲେ ବି, ବେନୁଆ ଯେ କାମିକା, ସଚ୍ଚୋଟ ଏ କଥା ସମସ୍ତେ ମାନନ୍ତି। ତା'ବୁଦ୍ଧିରେ କାହାରି କିଛି କହିବାର ନାହିଁ, ଜଗୁ ମଳିକ, ବିଶୋଇ ଧଳ, ଗୋପିଆହେରିକାଙ୍କ ତୁଣ୍ଡରୁ ଯାହା ଶୁଣା ଯାଏ , ତା'ର ଦୋଷ ମଧ୍ୟରେ ହେଉଛି, ଚୌଧୁରୀ ଘର ବୋଇଲେ ବେନୁଆକୁ ଆଉ କିଛି ଦିଶେ ନାହିଁ। ଚୌଧୁରୀ ଘରକୁ ନଉତିଏ ଉଣା ହୋଇଗଲା, ତାଙ୍କର କୋଉ ଭୋକରେ ଶୋଉଛନ୍ତି ଅବା। ଆମେ ଯେ ବିଲରେ ସାରା ଜୀବନ ଖଟୁଛୁ, ସିଏ ଏବେ କେଉଁଠି କଳେଇଟାଏ ଏ ପାଖ ସେ ପାଖ କରି ଦେଲେ, ବେନୁଆ କାହିଁକି ସେଥିରେ ନଜର ଦେବ ? ବେନୁଆ ତ ଆପଣା ଘରକୁ ନଉ ନାହିଁ ।

ତାକୁ ଚୌଧୁରୀଙ୍କ କୁତା କହ, ଯାହା ପାର ତା' ଗାଳି ଦିଅ, ସେ ସେତିକି ବିଶ୍ୱାସରେ ଚଳାଚଳ ହଉଛି ବୋଲି ସିନା ଚୌଧୁରୀ ତା' ହାତକୁ ଆମାର ଚାବି ବଢ଼େଇ ଦିଅନ୍ତି, ବଡ଼ ସିନ୍ଦୁକକୁ ଖୋଲି ଦରବ ଆଣିବାକୁ କହନ୍ତି; ସାଆନ୍ତ ପୁଅକୁ ହିସାବ ମାଗିବେ ପଛେ ବେନୁଆକୁ କେବେ ଥରେ ଭୁଲ୍‌ରେ ହେଲେ ବି ହିସାବ ମାଗନ୍ତି ନାହିଁ।

ଚୌଧୁରୀ ଘର ବିଲ ବାଡ଼ିଠୁଁ, ଧାନ କରଜ କାରବାରଠୁ, ବନ୍ଧୁବେଭାର ଗଲାଆଇଲା ସବୁ ବେନୁଆ ଉପରେ କୋଉ କିଆରି ମାଟି ଉଠେଇବାକୁ ପଡ଼ିବ, କୋଉଠି ଘଳିଆ, ବନ୍ଧେଇବାକୁ ହବ, କାହା ଉପରେ କରଜ ଧାନ କେତେ ବାକି ରହିଲା ଇତ୍ୟାଦି ଯାବତ କାମ ବେନୁଆକୁ ଏକା ଏକା। ଚୌଧୁରୀଙ୍କ ହାକିମଟା ବଡ।

ଚୌଧୁରୀଙ୍କର ପୁରୁଣା ଘର, ସମ୍ପତ୍ତି ଅକଳନ, ପ୍ରତିପତ୍ତି ରାଜକାଟର, କୋଠିଆ ବେଠିଆ ହୋଇ କେଜାଣି କେତେ। ତାଙ୍କ ଘର ଚଳବିଚଳ ହେଉଛି ବୋଲି ସେ ବେନୁଆ କେବେ ଉପରମୁହାଁ ହୋଇ କାହାକୁ କଅଣ କହି ଦେଇଛି ଏକଥା କାହାରି ତୁଣ୍ଡରୁ କେବେ ଶୁଣିବ ନାହିଁ। ସେ ଯେତିକିର ଲୋକ ସେତିକିରେ ରହେ। ଚୌଧୁରୀଙ୍କ ଠାରୁ ଚାରି ପାଞ୍ଚ ମାଣ ଭାଗରେ ଧରିଚିତ, ତାଙ୍କ ମାପଉତୁଣୀ ହିସାବରେ ବରଷକୁ ଭରଣେ ଦେଢ଼ ଭରଣ ପଏ, ଏଣୁ ତେଣୁ ହୋଇ ତା'ର ବର୍ଷକ ପାଇଯାଏ।

# ସ୍ବାହା

କବି ରଘୁନାଥ ଦାସ

ରାତି ଘଡିଏ ହବ, ଚୌଧୁରୀ ତାଙ୍କ ଚଉପାଢ଼ୀରେ ବସି ଖୁସି ଗପ କରୁଛନ୍ତି, କହୁଛନ୍ତି କିପରି ମଦନ ପୃଷ୍ଟି ମକଦ୍ଦମାରେ ସେ ମିଛ ସାକ୍ଷୀ ଦେଲାବେଳେ ଜେରାରେ ସତ କଥାଟା ଭୁଲ୍‌ରେ ତାଙ୍କ ତୁଣ୍ଡରୁ ବାହାରି ଗଲା, କିନ୍ତୁ ପରେ ସେ କଥାଟାକୁ କିପରି ସୁଧାରି ନେଲେ। ସେତିବେଳେ ବେନୁଆ ସାଆନ୍ତଙ୍କ ହାତକୁ ଅମାର ଚାବିଟା ବଢ଼େଇ ଦେଇଗଲା। ଜ୍ୟେଷ୍ଠ ତିନି ଦିନ କଥା ଏ ।

ରାତି ପାହିଲେ ହେବ ଜ୍ୟେଷ୍ଠ ଚାରିଦିନ। ନଡ଼ିଆ ବାହୁଙ୍ଗା ସେ ପାଖରୁ ପାହାନ୍ତିଆ ତାରା ଉଙ୍କି ମାରି ଦେଖିଲା, ଚୌଧୁରୀଙ୍କ ପିଣ୍ଡାରେ ବେନୁଆ ନାହିଁ। ଗୋବର ପାଣି ପକେଇବାକୁ ମାଇପେ ଦାଣ୍ଡ ଦୁଆରକୁ ବାହାରିଲା ବେଳକୁ ଗାଁ ଦାଣ୍ଡଟା କିମିତି ନିଛାଟିଆ ନିଛାଟିଆ ଲାଗିଲା। ଗୋବିନ୍ଦ ରଥ ଶେଯରେ ଶୋଇ କୁମ୍ଭାଟୁଆ. କୁକୁଡ଼ା ଓ କାଉର ରାବ ଶୁଣିଲେ। କିନ୍ତୁ ବେନୁଆର ରୋଜାନା ଡ଼ାକ କାହିଁକି ତ ଶୁଣାଗଲା ନାହିଁ। କଥା କ'ଣ?

ଗାଁ ଦାଣ୍ଡରେ ଖରା ପଇଲା, ଜଗୁ ମଳିକ ହଳ ଯୋଚି ବିଲକୁ ବାହିଲା, କିନ୍ତୁ ବେନୁଆ ତାର ପାରିଶୁଆ ଛାଡ଼ି ନାହିଁ।

କଥା କ'ଣ?

ଗାଁରେ ଚହଳ ପଡିଗଲା। ସପନି ସୋଇଁ ଆସିଲା, ଗୋପାଳିଆ ଆସିଲା, ମଧୁ ନନ୍ଦ ଆସିଲା, ଦଇନ ପଟ୍ଟନାୟକ ଗଡ଼ିଲେ, ଗୋଟିଏ ପରେ ଗୋଟିଏ ବେନୁଆ ଘରକୁ ବୁଝିବାକୁ କଥା କ'ଣ। ଆସି ଦେଖନ୍ତି କ'ଣ!

ବେନୁଆ ଘରେ ଏ ପଲଙ୍କ ଆସିଲା କାହୁଁ ! ପଲଙ୍କ ଉପରେ ବିଏଁ ବହଳ ଗଦି। ଗଦି ଉପରେ ଶେଯ, ଶେଯ ଉପରେ ମାଣ୍ଡି। ଆସି ଦେଖନ୍ତି ବେନୁଆ ଦେହରେ ନଇଖଣିଆ ଲାଗିପଡ଼ି ତେଲ ମାଲିସ୍ କରୁଛି। ଆସି ଦେଖନ୍ତି ବେନୁଆ ଆଗରେ ଘୋରା ଚନ୍ଦନ ଗିନା, ବେନୁଆ କପାଳରେ ଚନ୍ଦନ ଗାର କାଟୁଚି। ଆସି ଦେଖନ୍ତି ବେନୁଆ ଘର ବାହାରେ ଅତରରେ ମହମହ ବାସୁଚି। ରାତିଟାକରେ ବେନୁଆ କ'ଣ ଚୌଧୁରୀ ହୋଇଗଲା କି!

ବେନୁଆ ଆଜି ଫିନ୍‌ଫିନ ସରୁ ଧୋତି ପିନ୍ଧିଛି ପାଦକୁ ଲମ୍ବିଯାଇଛି। ମଡ଼େଇଛି ସିଲିକି ପଞ୍ଜାବୀ, ତା'ର ଉପରେ ଫତେଇ। ଫତେଇ ଉପରେ କୋଟ । କାନ୍ଧରେ ପଡ଼ିଛି ସମ୍ବଲପୁରୀ ପାଟିଲା ଗାମୁଛା। ଗୋଡ଼ରେ ଚୂଳ ଖଡ଼ମ।

କୃଷ୍ଣ ବିଶୋଇ ଏ ହାଲ୍ ଦେଖି ସମ୍ଭାଳି ରହି ପାରିଲେ ନାହିଁ। " କିରେ ବେନୁଆ କଥା କ'ଣ?" "ବେନୁଆ ବେନୁଆ, ବେନୁଆ କ'ଣ ତୋ ଡିହ ଉପରେ ଘର କରିଚି। ହୁଃ, ମଣିଷ ଦିଶୁନାହାନ୍ତି ୟାକୁ। କହ ବେନୁଆ ବାବୁ, କହ ବାବୁ ବେଣୁଧର

www.jataayu.org

# ସ୍ବାହା

କବି ରଘୁନାଥ ଦାସ

ସିଂହା” ବେନୁଆ ଯେତେ ତୋଡ଼ରେ କହିଲା, ଚୌଧୁରୀ ବି ଏତେ ତୋଡ଼ରେ କହି ନାହାନ୍ତି କେବେ।

ବେଣୁଧର ବାବୁଙ୍କର ପରିବାର ଚାରି ଛ ପାଖେ ପାଖେ ଲାଗି ରହିଛନ୍ତି, ସାଆନ୍ତଙ୍କ ହୁକୁମ ତୁଲାଇବାକୁ। ନ ହସିବାକୁ ବାବୁଙ୍କର ବାରମ୍ବାର ତାଗିଦ୍ ସତ୍ତ୍ବେ ସେମାନେ ତାଙ୍କ ଭିତରେ ଆଖି ଠରାଠରି ହେଉଛନ୍ତି, ମୁରୁକି ହସା ଦେଉଛନ୍ତି। ବେଣୁଧର ବାବୁଙ୍କର ହାକିମିର ଇୟତ୍ତା ନାହିଁ। ତୁଚ୍ଛାକୁ ହେଲେ ଚଳି ଯାଉଥାନ୍ତି, ବେଜିତ୍ କରି ଦି ପଦ ଶୁଣେଇ ଦେଇଥାନ୍ତି।

ଦିହିପହରରେ ସରିକି ପୁରୋହିତ ଆସି ପହଞ୍ଚିଲେ ଓ ଅନ୍ୟାନ୍ୟ ପ୍ରାୟ ଷାଠିଏ ସତୁରି ସିରିକି ବ୍ରାହ୍ମଣ। ଚୌଧୁରୀଙ୍କ ଘରେ ଭୋଜନଟିଏ ହେଲେ ଆମନ୍ତ୍ରିତ ବ୍ରହ୍ମଣ ମାନଙ୍କୁ ଯେତେ ଅଭ୍ୟର୍ଥନା ହୁଏ, ଆଜି ବେଣୁଧର ବାବୁଙ୍କ ଦୁଆରେ ତା ଠାରୁ ବଳିଗଲା। ବାବୁଙ୍କ ବୋଉଙ୍କ ଶ୍ରାଦ୍ଧ ଦିନରେ ଯେପରି ଆଜି ଆୟୋଜନ ହୋଇଛି, ଚୌଧୁରୀଙ୍କ ଘର ବାଦ ଦେଲେ, ଗାଁରେ ଆଉ କାହାର ଶୁଦ୍ଧି ଘରକୁ ବି ଏପରି ସରଞ୍ଜାମ ହୋଇ ନଥିବ। ପୁରୋହିତେ ଶକତ ଗଣ୍ଡିରାଏ ସଞ୍ଚା ବାନ୍ଧିଲେ, ହୋମ ହେଲା ଯେ ଘୃତରେ ଅଗ୍ନି ଦେବତା ବିଲକୁଲ ସନ୍ତୁଷ୍ଟ ହେଲେ, ଭୋଜନରେଯେତିକି ତୃପ୍ତି ହୋଇଥିଲେ, ଦକ୍ଷିଣା ପାଇ ତା'ର ଦୁଇଗୁଣ ଅନନ୍ଦିତ ହେଲେ।

କଥାଟା ଚାରି ଆଡ଼େ ରାଷ୍ଟ୍ର ହୋଇ ଗଲା। କୃଷ୍ଣ ବିଶୋଇ ପିଣ୍ଡାରେ, ନାଥ ମଲିକ ଖଳାରେ, ଦନେଇ ଗୁଡ଼ିଆ ଦୋକାନରେ ଠାଆ ଠାଆ ହୋଇ ଲୋକ ଜମିବାର ଦେଖାଗଲା। କୂଅମୂଳେ, ଢ଼ିଙ୍କିଶାଳେ, ଗାଧୁଆ ତୁଠରେ, ମାଇପିଙ୍କ ଭୁଟ୍‌ଭାଟ୍ ଶୁଣାଗଲା। ଚରି ଆଡ଼େ ଫୁସୁରୁ ଫାସର, ଚୁପ୍‌ଠାପ୍ , ବେନୁଆର ସଚ୍ଚା ପଣିଆଠୁ ଆରମ୍ଭ କରି ତାର ଗୋସେଇଙ୍କ କିଆରିରୁ ସୁନା ଗରା ପାଇବା ପର୍ଯ୍ୟନ୍ତ ନାନା କଥା।

ବେଣୁଧର ବାବୁଙ୍କର ହାଲ୍ ଗାଁରୁ ଡ଼େଇଁ ଉପରେ ଗାଁରେ ବାଜିଲା।

ଛାଇ ନାଉଟା ବେଳକୁ କାହା କାହା ମୁହଁରୁ ଶୁଣାଗଲା ବେନୁଆ ତା' ଦେଢ଼ମାଣକ ଜମି ଘର ଡ଼ିହ ସମେତ ବାବନ ଗୋଛାଏତକୁ ଆଠ କୋଡ଼ି ଦଶ ଟଙ୍କାକୁ ଗଲା ଶନିବାର ଦିନ କବଲା କରି ଦେଇଛି। ଖୋଦ ବାବନା ଗୋଛାୟତଙ୍କ ମୁହଁରୁ ଶୁଣି ଥିବା ଜଣେ ଅଧେ କହିଲେ ଚାଣ୍ଡାଳ କାହିଁକି ୟା କଲା। କେଡ଼େ ସୁନ୍ଦର ଘର କରି ଆସୁଥିଲା । ୟେ ଦୁର୍ବୁଦ୍ଧି କିଆଁ ଜୁଟିଲା ତାକୁ।

www.jatayu.org

# ସ୍ବାହା

କବି ରଘୁନାଥ ଦାସ

ଚୌଧୁରୀଙ୍କ ଚଉପାଢ଼ୀରେ ବି କଥା ପଡ଼ିଲା। ବେନୁଆ କ'ଣ ଆଉ ବାୟା ହୋଇଗଲା। ନାଇ ତ, କାଲି ବେଶ୍ ଭଲ କଥା ଭାଷା କରୁଥିଲା। କାଲି ଷାଠିଏ ସତୁରୀ ଲୋକଙ୍କୁ ଭୋଜନ ଦେଇଛି, ଅମାର ତଳ ଝଡ଼ାଝଡ଼ି କରି ଧାନରୁ ଅଗାଡ଼ି ଉଡ଼େଇଛି। କାଲି ସଞ୍ଜରେ ଚୌଧୁରୀଙ୍କ ହାତକୁ କୁଞ୍ଚି ବଢ଼େଇ କରିଗଲା। ଭଲ ଥିଲାତ।

ସଞ୍ଜ ଲାଗିଲା। ବାବୁ ବେଣୁଧର ସିଂହ ଚମ୍ପାଫୁଲ ହାର ପକେଇ ଦାଣ୍ଡ ଘରେ ନୂଆ ସତରଞ୍ଜି ଉପରେ ବସିଲେ, ନୀଳା ଆସି ପଛପଟେ କାଣ୍ଡି ଦି'ଟା ଢ଼ିରା ଦେଇଗଲା। ବାବୁ ବେଣୁଧର ସିଂହଙ୍କର ବସିଲାଠେଇଁ ଗାଁରୁ ପାଞ୍ଚ ଲୋକ ଆସି ଜମିଲେ। ବିଡ଼ିଆ ଲାଗି ହେଲା, ଖୁସି ଗପ ଚାଲିଲା।

ମଦନ ସିଂହ ବୁଢ଼ା ଚୁପ୍ କରି ବସିଥିଲା, ଅଧେ ସତରଞ୍ଜି ଉପରେ, ଅଧେ ଭୂଇଁ ଉପରେ। ବେଳେ ସେ ଅନାଉଥାଏ ବେନୁଆର ମୁହଁକୁ , ବେଳେ ଚାହୁଁ ଥାଏ କାନ୍ଥ ବାଡ଼, ଉପର ଓ ତଳ। ଖୁସି ଗପ ମଝିରେ ମଦନ ସିଂହର ନିରବତା ଭାଙ୍ଗିଗଲା। "ବାବା ବେଣୁଧର, କିଛି ଭାବିବୁ ନାହିଁ। ତୋ ଧନ ତୁ ଖରଚ କରୁଚୁ, ତୁ ହାଡ଼ିକି ଦେଲୁ, କି ପାଣକୁ ଦେଲୁ , କି ପାଣିରେ ଫୋପାଡ଼ି ଦେଲୁ  ମୋର ସେଥିରେ କି ଯାଏ? ହେଲେ ମୋ ସାନ ବୁଦ୍ଧିକୁ ଯାହା ଆସିଲା ମୁଁ କହୁଛି, ବାପା, ଯିଏ ଯାହା କହୁ ପଛେ, ମୁଁ ତ ଜାଣିଛି, ତୁ କେତେ କଷ୍ଟରେ କେତେ ବରଷ ଝାଳ ବୁହାଇ ଲ ଜମି ଦେଢ଼ମାଣ କରୁଥିଲୁ । ଯେ ବୁଦ୍ଧି କିଆଁ କଲୁ?"

ବେନୁଆ ମଦନ ସିଂହ କଥାରେ ଏଡ଼େ ବଡ଼ ପାଟିରେ ହସିଲା ଯେ ଚୌଧୁରୀଙ୍କ ଚଉପାଢ଼ୀରେ ବସିଥିବା ଲୋକ କାନ ଡ଼େରିଲେ। ବେନୁଆର ଏ ବେପରୁଆ ହସରେ ମଦନ ସିଂହ ଟିକିଏ ଅପ୍ରତିଭ ହୋଇଗଲା।

"- ସେ କଥା ଗୁଡ଼ିକ ଏ ମଉଜବେଳେ ମନକୁ ଆଣନ୍ତି, ମଉସା! କୋଉ ଏବେ ଚୌଧୁରୀ ହୋଇଥାନ୍ତି, ହେବି ନାହିଁ। ଦେଖିଲ ମଉସା, ଚକାମୁଣ୍ଡଟା ଚଉଧୁରୀଙ୍କ ନାଖେ ହୋଇଛି ନା!"

ମଦନ ସିଂହ ଲକ୍ଷ୍ୟ କରିବାକୁ ଲାଗିଲା ନାଲି ମହମ ବତୀର ଆଲୋକ ଶିଖା ତଳେ କିପରି ମହମ ତରଳୁଛି, କିପରି ତରଳ ମହମ ଲୁହ ପରି ଝରି ପଡ଼ୁଛି ଓ କାଠପଟା ଉପରେ ଜମାଟ ବାନ୍ଧୁଚି, ଟୋପେ, ଟୋପେ, ଟୋପେ,...

ବାହାର ସନ୍ଥପୁରକୁ ଘେରି ରତିର କାଳିମା ନିବିଡ଼ତର ହେଉଥିଲା।

Powered by Tekons